# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 12 January – 2026

*******************************

## ମୁଖ୍ୟ ସମ୍ବାଦ

- ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଅବସରରେ ଆଜି ଦେଶବ୍ୟାପୀ ପାଳନ କରାଯାଉଛି ଜାତୀୟ ଯୁବ ଦିବସ

– ଅପରାହ୍ନରେ ବିକଶିତ ଭାରତ ଯୁବ ନେତୃତ୍ୱ ବାର୍ତ୍ତାଳାପ-୨୦୨୬ର ଉଦ୍‌ଯାପନୀ ସମାରୋହରେ ଯୋଗଦେବେ ପ୍ରଧାନମନ୍ତ୍ରୀ

- ଜାତୀୟ ସଡ଼କ ସୁରକ୍ଷା ମାସ ପରିପ୍ରେକ୍ଷୀରେ ୬ ହଜାର ୭୦୧ କୋଟି ଟଙ୍କାର ୭୧ଟି ପ୍ରକଳ୍ପର ଲୋକାର୍ପଣ ଓ ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ

– କହିଲେ, ସଚେତନ ହେଲେ ଏଡ଼ାଇ ହେବ ସଡ଼କ ଦୁର୍ଘଟଣା

- ରାଜ୍ୟର ସମସ୍ତ ସରକାରୀ ଶିକ୍ଷା ଅନୁଷ୍ଠାନରେ ଆଜି ଛାତ୍ରଛାତ୍ରୀ ଗାନ କଲେ ରାଷ୍ଟ୍ରୀୟ ଗୀତ 'ବନ୍ଦେ ମାତରମ୍'

ଏବଂ

- ଆସନ୍ତା ତିନି ଦିନ ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ଶୀତର ପ୍ରଭାବ ବୃଦ୍ଧି ପାଇବାର ସମ୍ଭାବନା

# ଜାତୀୟ ଯୁବ ଦିବସ-୨

ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଅବସରରେ ଆଜି ଦେଶରେ ଜାତୀୟ ଯୁବ ଦିବସ ପାଳନ କରାଯାଉଛି। ତାଙ୍କ ଚିନ୍ତାଧାରା, ମୂଲ୍ୟବୋଧ ଏବଂ ଆଦର୍ଶକୁ ଯୁବପିଢ଼ିଙ୍କ ମଧ୍ୟରେ ପ୍ରସାର କରିବା ଏହି ଦିବସ ପାଳନର ମୂଳ ଉଦ୍ଦେଶ୍ୟ। ଚଳିତବର୍ଷ 'ନିଜକୁ ସକ୍ରିୟ କରିବା, ବିଶ୍ୱକୁ ପ୍ରଭାବିତ କରିବା' ବାର୍ତ୍ତା ନେଇ ଜାତୀୟ ଯୁବ ଦିବସ ପାଳନ କରାଯାଉଛି । ୧୯୮୪ ମସିହା ଆଜିର ଦିନକୁ କେନ୍ଦ୍ର ସରକାର ସ୍ୱାମୀ ବିବେକାନନ୍ଦଙ୍କ ଜ୍ଞାନ ଓ ନିସ୍ୱାର୍ଥପର ସେବା ଆଦର୍ଶରେ ଯୁବପିଢ଼ିଙ୍କୁ ଅନୁପ୍ରାଣିତ କରିବା ଉଦ୍ଦେଶ୍ୟରେ ଜାତୀୟ ଯୁବ ଦିବସ ପାଳନ ପାଇଁ ନିଷ୍ପତ୍ତି ନେଇଥିଲେ। ସ୍ୱାମୀ ବିବେକାନନ୍ଦ ୧୮୬୩ ମସିହା ଜାନୁୟାରୀ ମାସ ୧୨ ତାରିଖରେ କୋଲକାତାରେ ଜନ୍ମଗ୍ରହଣ କରିଥିଲେ। ୧୮୬୯ ମସିହାରେ ସେ କଲିକତା ବିଶ୍ୱବିଦ୍ୟାଳୟରୁ ନିଜର ସ୍ନାତକ ଡିଗ୍ରୀ ଶେଷ କରିଥିଲେ।

ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଅବସରରେ ଆଜି ଦେଶବ୍ୟାପୀ ଜାତୀୟ ଯୁବ ଦିବସ ପାଳନ କରାଯାଉଛି।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସ୍ୱାମୀ ବିବେକାନନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ସ୍ୱାମୀଜୀ ଜଣେ ଦୂରଦୃଷ୍ଟି ସମ୍ପନ୍ନ ଆଧ୍ୟାତ୍ମିକ ବ୍ୟକ୍ତିତ୍ୱ ଥିଲେ। ଯାହାଙ୍କର

ଅର୍ନ୍ତଦୃଷ୍ଟି ଓ ମାନବଜାତି ପ୍ରତି ସେବା ଜୀବନର ଅର୍ଥ ବଦଳାଇ ଦେଇଥିଲା ବୋଲି ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି। ରାଷ୍ଟ୍ରପତି କହିଛନ୍ତି, ସ୍ୱାମୀ ବିବେକାନନ୍ଦଙ୍କ ଶିକ୍ଷା ଦେଶ ଗଠନରେ ଯୁବକମାନଙ୍କୁ ସର୍ବଦା ପ୍ରେରିତ କରୁଥିଲେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜାତୀୟ ଯୁବ ଦିବସ ଅବସରରେ ସ୍ୱାମୀ ବିବେକାନନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଛନ୍ତି, ଭାରତର ଯୁବଶକ୍ତିଙ୍କୁ ସ୍ୱାମୀ ବିବେକାନନ୍ଦଙ୍କ ଶିକ୍ଷା ଓ ଆଦର୍ଶ ପ୍ରେରଣା ଯୋଗାଇଛି।

**- V/O -**

ଶ୍ରୀ ମୋଦୀ' ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଆଜି ବିକଶିତ ଭାରତ ଯୁବ ନେତୃତ୍ୱ ବାର୍ତ୍ତାଳାପ ୨୦୨୬ର ଉଦ୍‌ଯାପନୀ ସମାରୋହରେ ଯୋଗଦେବେ । କାର୍ଯ୍ୟକ୍ରମରେ ପ୍ରବାସୀ ଭାରତୀୟ ପ୍ରତିନିଧିଙ୍କ ସମେତ ୩ ହଜାରରୁ ଅଧିକ ଯୁବକ ଯୁବତୀଙ୍କ ସହ ପ୍ରଧାନମନ୍ତ୍ରୀ ଆଲେଚନା କରିବାର କାର୍ଯ୍ୟକ୍ରମ ରହିଛି। ୧୦ଟି ପ୍ରସଙ୍ଗ ଆଧାରରେ ମନୋନୀତ ଅଂଶଗ୍ରହଣକାରୀ ପ୍ରଧାନମନ୍ତ୍ରୀଙ୍କ ସମ୍ମୁଖରେ ନିଜର ଚିନ୍ତାଧାରା ଉପସ୍ଥାପନ କରିବେ। ଏହି ଅବସରରେ ଶ୍ରୀ ମୋଦୀ ଏକ ପ୍ରବନ୍ଧ ସଂକଳନର ଉନ୍ମୋଚନ କରିବେ। ଗତ ୯ ତାରିଖରୁ ଆରମ୍ଭ ହୋଇଥିବା ଏହି ସମ୍ମିଳନୀର ଦ୍ୱିତୀୟ ସଂସ୍କରଣ ଦେଶର ଯୁବବର୍ଗ ଓ ଜାତୀୟ ନେତୃତ୍ୱ ମଧ୍ୟରେ ଚିନ୍ତାଧାରାର ଆଦାନ ପ୍ରଦାନ କରିବାର ଏକ ଉତ୍କୃଷ୍ଟ ମଞ୍ଚ ସାବ୍ୟସ୍ତ ହୋଇଛି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର ଉତ୍କଳ ବିଶ୍ୱବିଦ୍ୟାଳୟରେ ଅପରାହ୍ଣରେ ଜାତୀୟ ଯୁବ ଦିବସ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି। ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମଧ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ରହିବେ ।

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଯୁବ ଦିବସ ଅବସରରେ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେଉଥିବା ଖବର ଆମର ହସ୍ତଗତ ହୋଇଛି।

Kalahandi/Subarnpur/Malkangiri

## ଜିଲ୍ଲା- ବନ୍ଦେ ମାତରମ

ରାଜ୍ୟର ସମସ୍ତ ସରକାରୀ ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟରେ ଆଜି ଜାତୀୟ ଯୁବ ଦିବସ ତଥା ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ସାମୂହିକ ବନ୍ଦେ ମାତରମ୍ ଗାୟନ କରାଯାଇଛି। ଛାତ୍ରଛାତ୍ରୀମାନେ ଆତ୍ମନିର୍ଭର ଭାରତ ସ୍ୱଦେଶୀ ସଂକଳ୍ପ ମଧ୍ୟ ପାଠ କରିଛନ୍ତି।

ମାଲକାନଗିରି ଜିଲ୍ଲାରେ ସମସ୍ତ ବିଦ୍ୟାଳୟରେ ଅନୁଷ୍ଠିତ ବନ୍ଦେ ମାତରମ୍ କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତ ରଞ୍ଜନ ପାଣିଗ୍ରାହୀ ଛାତ୍ରଛାତ୍ରୀଙ୍କୁ ଆତ୍ମନିର୍ଭର ଭାରତ ଗଠନ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା।

ବଙ୍କୀମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ବନ୍ଦେ ମାତରମ୍ ରାଷ୍ଟ୍ରଗୀତ ଆମର ଜାତୀୟତା, ରାଷ୍ଟ୍ରପ୍ରେମ, ଦେଶଭକ୍ତି ଓ ମାତୃବନ୍ଦନା ଜାଗରଣର ଭାବ ସୃଷ୍ଟି କରିଥାଏ ବୋଲି ସୋନପୁର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ବନ୍ଦେ ମାତରମ୍ କାର୍ଯ୍ୟକ୍ରମରେ ବହୁ ଶିକ୍ଷାବିତ୍ ଯୋଗଦେଇ କହିଥିଲେ।

କଳାହାଣ୍ଡି ଜିଲ୍ଲା ଭବାନୀପାଟଣାସ୍ଥିତ ମା’ ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟ ପରିସରରେ ସମୂହ ‘ବନ୍ଦେ ମାତରମ୍’ ଗାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

Nabarangpur/BBSR/R

# ମୁଖ୍ୟମନ୍ତ୍ରୀ-ଲୋକାର୍ପଣ

ସଚେତନ ହେଲେ ସଡ଼କ ଦୁର୍ଘଟଣା ଏଡ଼ାଇ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଜାତୀୟ ସଡ଼କ ସୁରକ୍ଷା ମାସ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମର ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ୨୦୨୪ ମସିହାରେ ରାଜ୍ୟରେ ସଡ଼କ ଦୁର୍ଘଟଣାରେ ୬ ହଜାର ୧୪୨ ଜଣ ପ୍ରାଣ ହରାଇଥିଲେ। ସେଥିମଧ୍ୟରୁ ବେପରୁଆ ଗାଡ଼ି ଚାଳନା ଦୁର୍ଘଟଣାର ମୁଖ୍ୟ କାରଣ ଥିଲା। ମୁଖ୍ୟମନ୍ତ୍ରୀ ଏହି ପରିପ୍ରେକ୍ଷୀରେ ୪ଟି ଇ-ନୀତି ଆପଣାଇବା ପାଇଁ ଜନସାଧାରଣ ଓ ପ୍ରଶାସନକୁ ପରାମର୍ଶ ଦେଇଛନ୍ତି।

**- V/O -**

ମୁଖ୍ୟମନ୍ତ୍ରୀ କହିଛନ୍ତି, ଗାଡ଼ି ଚଳାଇବା ସମୟରେ ମୋବାଇଲ ଫୋନ୍‌ର ବ୍ୟବହାର ଯୋଗୁଁ ପ୍ରତି ୧୦୦ ଜଣରେ ୬ ଜଣଙ୍କ ଜୀବନ ଯାଉଛି। ସଚେତନତା ଓ ସତର୍କତା ଅଭାବରୁ ଅଧିକାଂଶ ସଡ଼କ ଦୁର୍ଘଟଣା ଘଟୁଛି ବୋଲି ଶ୍ରୀ ମାଝୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆଜି ୬ ହଜାର ୭୦୧ କୋଟି ଟଙ୍କାର ୭୧ଟି ପ୍ରକଳ୍ପର ଲୋକାର୍ପଣ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହା ମଧ୍ୟରେ ଭୁବନେଶ୍ୱରରେ ନୂତନ ଭାବେ ୩ ହଜାର ୬୨୩ କୋଟି ଟଙ୍କା ମୂଲ୍ୟରେ ନିର୍ମାଣ ହେବାକୁ ଥିବା ଲୋକସେବା ଭବନ ଓ ବିଧାନସଭା ସାମିଲ ରହିଛି।

ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ମୁଖ୍ୟମନ୍ତ୍ରୀ ଜାତୀୟ ସଡ଼କ ସୁରକ୍ଷା ସମ୍ମାନର ଶୁଭାରମ୍ଭ ସହ ସୁରକ୍ଷା ରେଟିଂ, ସତର୍କ ସୂଚନା ଘଣ୍ଟି, ବୈଦ୍ୟୁତିକ ଯାନ ଚାର୍ଜିଂ ଷ୍ଟେସନର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଟ୍ରାଫିକ ପରିଚାଳନା ଯୋଜନା ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ୧୦ଟି ଜିଲ୍ଲାରେ ୧୫୬ କୋଟିରୁ ଅଧିକ ଟଙ୍କାର ୧୪ଟି ଅଟଳ ବସ୍‌ଷ୍ଟାଣ୍ଡର ଲୋକାର୍ପଣ ଓ ରାଜ୍ୟ ସଡ଼କ ପରିବହନ ନିଗମର ୧୦୦ଟି ନୂତନ ବସ୍ ଚଳାଚଳର ଆରମ୍ଭ କରିଛନ୍ତି। ବ୍ରହ୍ମପୁରରେ ଇ-ବସ୍ ଡିପୋରେ ୨୫ଟି ବୈଦ୍ୟୁତିକ ଆମ ବସ୍‌ର ମଧ୍ୟ ଆଜି ଶୁଭାରମ୍ଭ ହୋଇଛି।

Balangir

## ବ୍ରିଜ ନିର୍ମାଣ

ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ବ୍ଲକରେ ଜନସାଧାରଣଙ୍କ ଗମନାଗମନ ସୁବିଧା ପାଇଁ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ୪ଟି ନୂଆ ବ୍ରିଜ୍‌ର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ବିଭିନ୍ନ ସ୍ଥାନରେ ଏହି ୪ଟି ବ୍ରିଜ୍ ପ୍ରାୟ ୩୦ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯିବ। ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳବାସୀ ଉପକୃତ ହୋଇପାରିବେ।

HS

## ଯୁକ୍ତ ଦୁଇ ଫର୍ମ ପୂରଣ

ଯୁକ୍ତ ଦୁଇ ପରୀକ୍ଷା ପାଇଁ ୪ ଲକ୍ଷ ୧୬ ଶହ ୨୩ ଜଣ ପରୀକ୍ଷାର୍ଥୀ ଫର୍ମ ଫୂରଣ କରିଛନ୍ତି ବୋଲି ଉଚ୍ଚଶିକ୍ଷା ପରିଷଦ ଶିକ୍ଷା ପରିଷଦ ପକ୍ଷରୁ କୁହାଯାଇଛି। କଳା ପାଇଁ ୨ ଲକ୍ଷ ୫୬ ହଜାର ୭୦୭, ବାଣିଜ୍ୟରେ ୨୪ ହଜାର ୬୨୧, ବିଜ୍ଞାନରେ ୧ ଲକ୍ଷ ୧୪ ହଜାର ୩୬୩ ଏବଂ ଧନ୍ଦାମୂଳକ ଶିକ୍ଷାରେ ୫ ହଜାର ୯୩୨ ଜଣ ପରୀକ୍ଷାର୍ଥୀ ଫର୍ମପୂରଣ କରିଛନ୍ତି।

Desk

## ଜନ ଅଭିଯୋଗ ଶୁଣାଣି ବନ୍ଦ

ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ବ୍ୟବସ୍ଥା ଯୋଗୁଁ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଆଜି ବନ୍ଦ ରହିଛି। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ସମ୍ବାଦପତ୍ର ତଥା ଗଣମାଧ୍ୟମ ଜରିଆରେ ଅବଗତ କରାଯିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ କୁହାଯାଇଛି।

Raygada

## ଜିଲ୍ଲା–ଅଭିଯୋଗ ଶୁଣାଣି

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଜନ ଅଭିଯୋଗ ଶୁଣାଣି ହୋଇଛି।

ରାୟଗଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ରାମନାଗୁଡ଼ା ସଭାଗୃହରେ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଆଜି ମୋଟ୍ ୮୯ଟି ଅଭିଯୋଗର ଶୁଣାଣି କରାଯାଇଛି। ସେଥିମଧ୍ୟରୁ ୪୭ଟି ବ୍ୟକ୍ତିଗତ ଅଭିଯୋଗ ଥିବାବେଳେ ୧୫ଟି ଗ୍ରାମବାସୀଙ୍କର ସାମୂହିକ ଅଭିଯୋଗ ରହିଥିଲା।

MET

## ପାଣିପାଗ

ରାଜ୍ୟରେ ପୁଣି ଶୀତର ପ୍ରଭାବ ବୃଦ୍ଧି ପାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଅନୁଯାୟୀ ଆସନ୍ତା ୩ ଦିନ ମଧ୍ୟରେ ରାତି ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ହ୍ରାସ ପାଇବାର ସମ୍ଭାବନା ରହିଛି । ଗତ ୨୪ଘଣ୍ଟା ମଧ୍ୟରେ ଦାରିଙ୍ଗବାଡିରେ ସର୍ବନିମ୍ନ ତାପମାତ୍ରା ୬ ଦଶମିକ ୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଶୀତ ଲହରି ବୃଦ୍ଧି ପାଇବା ନେଇ ଅନୁଗୁଳ, ବୌଦ୍ଧ ଓ ଝାରସୁଗୁଡ଼ା ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି।